# NATIONAL NEWS BULLETIN (ODIA)

**02 October - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସ୍ୱଚ୍ଛତାକୁ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।

– ସ୍ୱଚ୍ଛ ଭାରତ-୨୦୨୪ରେ ଯୋଗଦେଇ ୯ ହଜାର ୬୦୦ କୋଟି ଟଙ୍କାର କେତେକ ପ୍ରକଳ୍ପର କଲେ ଲୋକାର୍ପଣ ଓ ଶିଳାନ୍ୟାସ।

- ହରିୟାଣା ନିର୍ବାଚନ ଶେଷ ପର୍ଯ୍ୟାୟରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ଜୋରଦାର।

- ଇସ୍ରାଏଲ ଉପରେ ଇରାନ୍‌ର କ୍ଷେପଣାସ୍ତ୍ର ଆକ୍ରମଣ ପରେ ମଧ୍ୟପ୍ରାଚ୍ୟ ଅଶାନ୍ତ; ନାଗରିକଙ୍କୁ ଇରାନ ଯାତ୍ରା ଉପରେ ଆଡଭାଇଜରୀ ଜାରି କଲା ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ।

ଏବଂ

- ଆଇସିସି ମହିଳା ଟି-୨୦ ବିଶ୍ୱକପର ନବମ ସଂସ୍କରଣ ଆସନ୍ତାକାଲିଠାରୁ ଶାରଜାରେ ଆରମ୍ଭ ।

# ପିଏମ୍- ସ୍ୱଚ୍ଛତା ହିଁ ସେବା

ସ୍ୱଚ୍ଛତା ପ୍ରତି ପ୍ରତିଶ୍ରୁତିବଦ୍ଧ ହୋଇ ତାହାକୁ ନିଜ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ସଂକଳ୍ପ ନେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି। ଆଜି ଗାନ୍ଧୀ ଜୟନ୍ତୀ ଅବସରରେ ନୂଆଦିଲ୍ଲୀରେ ଅନୁଷ୍ଠିତ ସ୍ୱଚ୍ଛ ଭାରତ ଦିବସ-୨୦୨୪ ସମାରୋହରେ ଯୋଗଦେଇ ସେ ଏହା କହିଛନ୍ତି। ସ୍ୱଚ୍ଛ ଭାରତ ମିଶନର ୧୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ 'ସ୍ୱଚ୍ଛତା ହିଁ ସେବା ୨୦୨୪' କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, ସ୍ୱଚ୍ଛ ଭାରତ ହାସଲ ପାଇଁ ନିରନ୍ତର ପ୍ରୟାସ ଜରୁରୀ । ସ୍ୱଚ୍ଛତାକୁ ଜନ ଆନ୍ଦୋଳନରେ ପରିଣତ କରିଥିବାରୁ ୧୪୦ କୋଟି ଭାରତୀୟଙ୍କ ଦୃଢ଼ ମନୋବଳକୁ ସେ ପ୍ରଶଂସା କରିବା ସହ ସ୍ୱଚ୍ଛ ଭାରତ ଅଭିଯାନର ସଫଳତାରେ ସମସ୍ତଙ୍କ ଅବଦାନ ରହିଛି ବୋଲି ସେ ଆଲୋକପାତ କରିଛନ୍ତି। ସେ କହିଛନ୍ତି, ଆଜି ବିଶ୍ୱର ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଅଭିଯାନରେ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ଅନ୍ୟ ପ୍ରତିନିଧି ମାନେ ସାମିଲ ହୋଇଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ସେବା ପଖୱାଡାର ୧୫ ଦିନ ମଧ୍ୟରେ ଦେଶରେ ୨୭ ଲକ୍ଷରୁ ଅଧିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିରେ ୨୮ କୋଟିରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ । ମହାତ୍ମା ଗାନ୍ଧୀ ଏବଂ ଦେଶର ଅନ୍ୟ ମହାନ ବ୍ୟକ୍ତିତ୍ୱଙ୍କ ଦ୍ୱାରା ପରିକଳ୍ପିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଏହି ଦିବସ ଆମକୁ ପ୍ରେରଣା ଦେଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସ୍ୱଚ୍ଛ ଭାରତ ଅଭିଯାନର ସଫଳତାରେ

ସମସ୍ତ ଦେଶବାସୀ, ସ୍ୱଚ୍ଛତା କର୍ମୀ, ଧାର୍ମିକ ନେତା, କ୍ରୀଡ଼ାବିତ୍, ସେଲିବ୍ରିଟି, ସ୍ୱେଚ୍ଛାସେବୀ ସଂଗଠନ ଏବଂ ଗଣମାଧ୍ୟମର ଅବଦାନକୁ ଶ୍ରୀ ମୋଦୀ ପ୍ରଶଂସା କରିଛନ୍ତି ।

ଆଜି ୧୦ ହଜାର କୋଟି ଟଙ୍କାର ସ୍ୱଚ୍ଛତା ପ୍ରକଳ୍ପର ଉଦଘାଟନ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।  ଅମୃତ ମିଶନ ଅଧୀନରେ ବିଭିନ୍ନ ସହରରେ ଜଳ ଓ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ସ୍ଥାପନ କରାଯିବ ବୋଲି ସେ କହିଛନ୍ତି । ବର୍ଜ୍ୟବସ୍ତୁରୁ ବାୟୋଗ୍ୟାସ୍ ଉତ୍ପାଦନ ପାଇଁ 'ନମାମି ଗଙ୍ଗେ' ଏବଂ 'ଗୋବର୍ଦ୍ଧନ' କାରଖାନା ସମ୍ବନ୍ଧୀୟ ପଦକ୍ଷେପ ସ୍ୱଚ୍ଛ ଭାରତ ମିଶନକୁ ନୂତନ ଉଚ୍ଚତାରେ ପହଞ୍ଚାଇବ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

ଆଜିଠାରୁ ହଜାରେ ବର୍ଷ ପରେ ମଧ୍ୟ ଯେତେବେଳେ ଏକବିଂଶ ଶତାବ୍ଦୀର ଭାରତକୁ ଅଧ୍ୟୟନ କରାଯିବ, ସ୍ୱଚ୍ଛ ଭାରତ ଅଭିଯାନ ନିଶ୍ଚିତ ଭାବରେ ସ୍ମରଣୀୟ ହେବ ବୋଲି ସେ କହିଛନ୍ତି । ସ୍ୱଚ୍ଛ ଭାରତ ମିଶନ ହେଉଛି ଚଳିତ ଶତାବ୍ଦୀର ବିଶ୍ୱର ସର୍ବବୃହତ୍ ଏବଂ ସଫଳ ଜନଭାଗିଦାରୀ, ଜନନେତୃତ୍ୱାଧୀନ' ଜନ ଆନ୍ଦୋଳନ ବୋଲି ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ ।

୧୦ ବର୍ଷ ତଳେ ୬୦ ପ୍ରତିଶତରୁ ଅଧିକ ଲୋକ ଖୋଲାରେ ମଳତ୍ୟାଗ କରିବାକୁ ବାଧ୍ୟ ହେଉଥିଲେ ଏବଂ ଏହା ମାନବିକ ମର୍ଯ୍ୟାଦା ବିରୋଧୀ ଥିଲା ବୋଲି କହିଥିଲେ । ବିଶେଷ କରି ଦଳିତ, ପଛୁଆ ବର୍ଗ ଓ

ଆଦିବାସୀ ସମ୍ପ୍ରଦାୟ ପାଇଁ ଏହା ଅପମାନ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହା ମହିଳାମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥିଲା।

ବିଦ୍ୟାଳୟରେ ପୃଥକ ଶୌଚାଳୟ ନିର୍ମାଣ ଯୋଗୁଁ ଲକ୍ଷ ଲକ୍ଷ ସ୍କୁଲରେ ଝିଅଙ୍କ ଡ୍ରପଆଉଟ୍ ହାର ହ୍ରାସ ପାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ୟୁନିସେଫର ଏକ ଅଧ୍ୟୟନକୁ ଉଦାହରଣ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ସ୍ୱଚ୍ଛତାର ଉନ୍ନତି ଯୋଗୁଁ ଗ୍ରାମୀଣ ପରିବାର ପ୍ରତିବର୍ଷ ହାରାହାରି ୫୦ ହଜାର ଟଙ୍କା ସଞ୍ଚୟ କରୁଛନ୍ତି। ପୂର୍ବରୁ ବାରମ୍ବାର ଅସୁସ୍ଥତା କାରଣରୁ ଏହି ଅର୍ଥ ଚିକିତ୍ସାରେ ଖର୍ଚ୍ଚ ହେଉଥିଲା କିମ୍ବା ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଲୋକମାନେ କାମକୁ ଯାଇ ପାରୁ ନ ଥିବାରୁ ରୋଜଗାର ହାନି ହେଉଥିଲା।

ଏହି ଅବସରରେ ପ୍ରଧାନମନ୍ତ୍ରୀ ପରିମଳ ଓ ସ୍ୱଚ୍ଛତା ସହ ଜଡ଼ିତ ୯ ହଜାର ୬୦୦ କୋଟି ରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି।

ଏହି ଅବସରରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର ପାଟିଲ, କେନ୍ଦ୍ର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ମନୋହର ଲାଲ, ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ରାଜଭୂଷଣ ଚୌଧୁରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ତୋଖନ ସାହୁ, ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ସଚିବମାନେ ଉପସ୍ଥିତ ଥିଲେ।

## ହରିୟାଣା କ୍ୟାମ୍ପେନିଂ

ହରିୟାଣାରେ ନିର୍ବାଚନ ପ୍ରଚାର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାଜ୍ୟର ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀରେ ସମସ୍ତ ରାଜନୈତିକ ଦଳର ପ୍ରମୁଖ ନେତାମାନେ ସାଧାରଣ ସଭା ଓ ରୋଡ୍ ସୋ କରୁଛନ୍ତି।

ମୁଖ୍ୟମନ୍ତ୍ରୀ ନୟାବ ସିଂହ ସଇନି ଆଜି ଉଲ୍କାନା ବିଧାନସଭା ନିର୍ବାଚନମଣ୍ଡଳୀରେ ଜନ ଆଶୀର୍ବାଦ ରାଲିକୁ ସମ୍ବୋଧିତ କରିବା ସହ ଦୁର୍ନୀତି ପ୍ରସଙ୍ଗରେ କଂଗ୍ରେସକୁ ସମାଲୋଚନା କରିଛନ୍ତି। କଂଗ୍ରେସ ନେତାମାନେ ମିଛ କହି ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। କଂଗ୍ରେସ ଶାସିତ ରାଜ୍ୟଗୁଡ଼ିକରେ କଂଗ୍ରେସ ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇନାହିଁ ଏବଂ ଏବେ ହରିୟାଣାବାସୀଙ୍କୁ ପ୍ରଲୋଭିତ କରିବାକୁ ପ୍ରୟାସ କରାଯାଉଛି ବୋଲି ଶ୍ରୀ ସିଂହ କହିଛନ୍ତି।

ରାଜ୍ୟରେ ବିଜେପି ତୃତୀୟ ଥର ପାଇଁ ସରକାର ଗଢ଼ିବ ବୋଲି ସେ ଦାବି କରିବା ସହ ସରକାର ଗଠନ ପରେ ହରିଆଣା ଦ୍ରୁତ ଗତିରେ ବିକାଶ କରିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଓ ସାଂସଦ ନବୀନ ଜିନ୍ଦଲ ଆଜି ଥାନେସର ବିଧାନସଭା ନିର୍ବାଚନମଣ୍ଡଳୀର ବିଜେପି ପ୍ରାର୍ଥୀ ସୁଭାଷ ସୁଧାଙ୍କ ସମର୍ଥନରେ କୁରୁକ୍ଷେତ୍ରର ସେକ୍ଟର ୧୦ରୁ ରୋଡ୍ ସୋ କରିଥିଲେ।

କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧି ଆଜି ଜୁଲାନା ଓ ବାଓ୍ୱାନିଖେରା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜନସଭା କରୁଥିବା ବେଳେ ଜନନାୟକ ଜନତା ପାର୍ଟି ଓ ଆଜାଦ ସମାଜ ପାର୍ଟି ମେଣ୍ଟ ଗୁହଲା, ଉଚନା କଲାନ ଆଦି ଜନସଭାରେ ଯୋଗ ଦେଇଛନ୍ତି। ଆମ୍ ଆଦମୀ ପାର୍ଟିର ମନୀଷ ସିସୋଦିଆ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଜନସମର୍ଥନ ହାସଲ କରିବା ସକାଶେ ହିସାର ଏବଂ ନଲୱାରେ ହରପାଲ ସିଂହ ଚିମାରେ ରୋଡ୍ ସୋ’ କରୁଛନ୍ତି। ଆସନ୍ତାକାଲି ସନ୍ଧ୍ୟାରେ ନିର୍ବାଚନ ପ୍ରଚାର ଶେଷ ହେବ।

# ଇଲେକ୍‌ଟ୍ରିକ୍ ଭେକିଲ-ବୁଷ୍ଟ

ଦେଶରେ ବୈଦ୍ୟୁତିକ ଯାନ (ଇଭି) ଗ୍ରହଣକୁ ପ୍ରୋତ୍ସାହନ ଦେବା ପାଇଁ ଗତ ମାସରେ ମୋଟ ଇଭି ପଞ୍ଜୀକରଣ ୧ ଲକ୍ଷ ୫୯ ହଜାର ୟୁନିଟ୍‌ରେ ପହଞ୍ଚିଛି। ଗତବର୍ଷ ସେପ୍ଟେମ୍ବରରେ ଏହା ୧ ଲକ୍ଷ ୨୯ ହଜାର ୟୁନିଟ୍ ଥିଲା। ସରକାରଙ୍କ ବାହନ ତଥ୍ୟ ଅନୁଯାୟୀ, ଇଭି ପଞ୍ଜୀକରଣରେ ବର୍ଷକୁ ୨୩ ପ୍ରତିଶତ  ବୃଦ୍ଧି ଘଟିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ଇଭି ପରିମାଣ ଗତବର୍ଷ ସମାନ ସମୟ ତୁଳନାରେ ୨୦ ପ୍ରତିଶତ ବଢ଼ିଛି। ସବୁ ବର୍ଗରେ ମୋଟ ଇଭି ପଞ୍ଜୀକରଣ ୮ ଲକ୍ଷ ୯୩ ହଜାର ୟୁନିଟ୍‌କୁ ବୃଦ୍ଧି ପାଇଛି, ଯାହା ଗତବର୍ଷ ସମାନ ଅବଧିରେ ୭ ଲକ୍ଷ ୪୫ ହଜାର ୟୁନିଟ୍ ଥିଲା।

ସରକାର ଗତକାଲି ପିଏମ୍ ଇଲେକ୍‌ଟ୍ରିକ ଡ୍ରାଇଭ୍ ରିଭୋଲ୍ୟୁସନ ଇନ୍ ଇନୋଭେଟିଭ୍ ଭେଇକିଲ୍ ଏନ୍‌ହାନ୍ସମେଣ୍ଟ (ପିଏମ୍ ଇ-ଡ୍ରାଇଭ୍) ଯୋଜନାର ଶୁଭାରମ୍ଭ କରିଛନ୍ତି, ଯେଉଁଥିରେ ଦୁଇ ବର୍ଷ ମଧ୍ୟରେ ୧୦ ହଜାର ୯୦୦ କୋଟି ଟଙ୍କାର ଆର୍ଥିକ ବ୍ୟୟ ବରାଦ କରାଯାଇଛି। ଦେଶରେ ବୈଦ୍ୟୁତିକ ଯାନ ଗତିଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ସେପ୍ଟେମ୍ବର ୧୧ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ପିଏମ୍ ଡ୍ରାଇଭ୍ ଯୋଜନାକୁ ଅନୁମୋଦନ କରାଯାଇଥିଲା।

ପିଏମ ଇ-ଡ୍ରାଇଭ ଯୋଜନା ଇଭି ଗ୍ରହଣକୁ ତ୍ୱରାନ୍ୱିତ କରିବା ଏବଂ ଦେଶବ୍ୟାପୀ ଗୁରୁତ୍ୱପୂର୍ଣ୍ଣ ଚାର୍ଜିଂ ଭିତ୍ତିଭୂମି ନିର୍ମାଣ କରିବାରେ ଏହା ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

## ଦିଲ୍ଲୀ-ଉପରାଜ୍ୟପାଳ

ଦିଲ୍ଲୀର ଉପରାଜ୍ୟପାଳ ବିନୟ କୁମାର ସକସେନା ଆଜି ନୂଆଦିଲ୍ଲୀର ରାଜଘାଟଠାରେ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କୁ ତାଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଶ୍ରୀ ସକସେନା ନୂଆଦିଲ୍ଲୀର ବିଜୟଘାଟଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କୁ ମଧ୍ୟ ତାଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।ଧ

## ଓଡ଼ିଶା ଗାନ୍ଧୀ ଜୟନ୍ତୀ

ରାଜ୍ୟପାଳ ରଘୁବର ଦାସ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭା ପରିସରରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୫ତମ ଜୟନ୍ତୀ ଅବସରରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏବଂ ରାଜ୍ୟର ଅନେକ ମନ୍ତ୍ରୀ ମଧ୍ୟ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଶ୍ରୀ ମାଝୀ 'ସ୍ୱଚ୍ଛତା ଅଭିଯାନ'ର ଶୁଭାରମ୍ଭ ସହିତ ସ୍ୱଚ୍ଛତା ଏବଂ ପରିବେଶ ନିରନ୍ତରତାକୁ ପ୍ରୋତ୍ସାହିତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି।

## ଇସ୍ରାଏଲ-ଇରାନ

ଇରାନର ଏକ ବିଶାଳ କ୍ଷେପଣାସ୍ତ୍ର ଆକ୍ରମଣ ପରେ ଇସ୍ରାଏଲ ନିର୍ଣ୍ଣାୟକ ଏବଂ ଦୃଢ଼ ଜବାବ ଦେବ ବୋଲି କହିଛି। ଏହାଦ୍ୱାରା ପଶ୍ଚିମ ଏସୀୟ ଅଞ୍ଚଳ ପ୍ରଭାବିତ ହେବ ବୋଲି ଆଶଙ୍କା ସୃଷ୍ଟି ହେଲାଣି। ଇସ୍ରାଏଲ ପ୍ରତିରକ୍ଷା ବାହିନୀ କହିଛି, ଯେଉଁଠାରେ ଯାହା ଉପଯୁକ୍ତ ମନେ ହେବ ସେ ଦିଗରେ ଉଚିତ ପଦକ୍ଷେପ ନିଆଯିବ। ଏଥିସହିତ ଇସ୍ରାଏଲ ସେନା ବେରୁଟରେ ହିଜବୁଲ୍ଲା ଆଡ୍ଡାସ୍ଥଳୀକୁ ଲକ୍ଷ୍ୟ କରି ନୂଆ କ୍ଷେପଣାସ୍ତ୍ର ମାଡ଼ ଆରମ୍ଭ କରିଛି।

## ଏମ୍ଇଏ- ଟ୍ରାଭେଲ ଆଡଭାଇଜାରି

ଇରାନ୍ ଗତକାଲି ଇସ୍ରାଏଲ ଉପରେ ଘନ ଘନ କ୍ଷେପଣାସ୍ତ୍ର ମାଡ଼ କରିବାପରେ ମଧ୍ୟପ୍ରାଚ୍ୟ ଅଶାନ୍ତ ହୋଇଉଠିଛି। ଅନ୍ୟପକ୍ଷରେ ଇସ୍ରାଏଲ ପକ୍ଷରୁ ବଡ଼ଧରଣର ଆକ୍ରମଣ ଆଶଙ୍କା ଥିବାରୁ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, ଖୁବ୍‌ଶୀଘ୍ର ତା'ର ନାଗରିକଙ୍କୁ ଇରାନକୁ ଅନାବଶ୍ୟକ ଯାତ୍ରା ନ କରିବାକୁ ପରାମର୍ଶ ଦେଇଛି । ଇରାନରେ ରହୁଥିବା ଲୋକମାନେ ସତର୍କ ରହିବା ସହ ତେହେରାନରେ ଥିବା ଭାରତୀୟ ଦୂତାବାସଙ୍କ ସହ ଯୋଗାଯୋଗରେ ରହିବାକୁ ମନ୍ତ୍ରଣାଳୟ ଏକ ଟ୍ରାଭେଲ ଆଡଭାଇଜରି ଜାରି କରିଛି। ବୈଦେଶିକ ମନ୍ତ୍ରଣାଳୟ କହିଛି, ଏହି ଅଞ୍ଚଳରେ ସାମ୍ପ୍ରତିକ ନିରାପତ୍ତା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି।

# ଆଇସିସି-ୱିମେନ୍ କ୍ରିକେଟ

ଆଇସିସି ମହିଳା ଟି-୨୦ ବିଶ୍ୱକପର ନବମ ସଂସ୍କରଣ ଆସନ୍ତାକାଲିଠାରୁ ୟୁଏଇର ଶାରଜାରେ ଆରମ୍ଭ ହେବ। ଚଳିତ ମାସ ୪ ତାରିଖରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ତା'ର ପ୍ରଥମ ମ୍ୟାଚ୍ ଖେଳିବ। ଅକ୍ଟୋବର ୩ରୁ ୨୦ ତାରିଖ ମଧ୍ୟରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିବେ।

ଗ୍ରୁପ୍ ଏ'ରେ ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ ଶ୍ରୀଲଙ୍କା ସହ ରହିଛନ୍ତି। ସେହିପରି ଗ୍ରୁପ୍ ବିରେ ବାଂଲାଦେଶ, ଇଂଲଣ୍ଡ, ସ୍କଟଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ୍ ରହିଛନ୍ତି।

--------